ପାଠ-୧୨

# ଆମ ଗାଁ

## WORKSHEET

୧. **ଅପଠିତ ଗଦ୍ୟାଂଶଟିକୁ ପଢ଼ି ପ୍ରଶ୍ନଉତ୍ତର ଲେଖ।**

ଗତ ରବିବାର ପୁଷ୍ପା ପାଇଁ ନିଷ୍ଫଳ ଦିନ ନଥିଲା। ସେ ଜେଜେମା'ଙ୍କ ଠାରୁ ନୂଆ ନୂଆ କଥା ଶିଖିଲା। ଜେଜେମା' କହିଥିଲେ- ଜଳ ବାଷ୍ପ ହୋଇ ଉପରକୁ ଉଠେ। ପୁଣି ସେହି ବାଷ୍ପ ବର୍ଷା ଜଳ ରୂପେ ତଳକୁ ଖସିଆସେ। ବର୍ଷାପାଣି ପାଇ ଗଛଲତା ସବୁଜ ହୋଇଯାଏ। ଧରାପୃଷ୍ଠ ପତ୍ରପୁଷ୍ପରେ ଭରିଯାଏ। ଚତୁଃଷ୍ପଦ ପ୍ରାଣୀମାନଙ୍କର ଖାଦ୍ୟ ଅଭାବ ରହେ ନାହିଁ। ଶୀଘ୍ର ଚାଷବାସ କରିବାକୁ କୃଷକ ନିଷ୍ପତ୍ତି ନିଏ।

କ) ବର୍ଷା ହେଲେ କୃଷକ କ'ଣ କରିବାକୁ ନିଷ୍ପତ୍ତି ନିଏ ?

ଉ: ବର୍ଷା ହେଲେ କୃଷକ ଶୀଘ୍ର ଚାଷବାସ କରିବାକୁ ନିଷ୍ପତ୍ତି ନିଏ ।

ଖ) ବର୍ଷା ହେଲେ କେଉଁମାନଙ୍କର ଖାଦ୍ୟ ଅଭାବ ରହେ ନାହିଁ ?

ଉ: ବର୍ଷା ହେଲେ ଚତୁଃଷ୍ପଦ ପ୍ରାଣୀମାନଙ୍କର ଖାଦ୍ୟ ଅଭାବ ରହେ ନାହିଁ ।

ଗ) ରବିବାର କାହା ପାଇଁ ନିଷ୍ଫଳ ଦିନ ନଥିଲା ?

ଉ: ରବିବାର ପୁଷ୍ପା ପାଇଁ ନିଷ୍ଫଳ ଦିନ ନଥିଲା ।

ଘ) ପୁଷ୍ପା ଜେଜେମା'ଙ୍କଠାରୁ ବର୍ଷାଜଳ ବିଷୟରେ କ'ଣ ଜାଣିଲା ?

ଉ: ପୁଷ୍ପା ଜେଜେମାଙ୍କଠାରୁ ବର୍ଷାଜଳ ପାଇ ଗଛଲତା ସବୁଜ ହୋଇଯାଏ ବିଷୟରେ ଜାଣିଲା ।

ଙ) ବର୍ଷାପାଣି ପାଇ ସବୁଜ ହୋଇଯାଆନ୍ତି ?

ଉ: ବର୍ଷାପାଣି ପାଇ ଗଛଲତା ସବୁଜ ହୋଇଯାଆନ୍ତି ।

୨. **ପ୍ରଶ୍ନ ଉତ୍ତର ଲେଖ ।**

କ) ବାଚସ୍ପତି ମହାରଣା କ'ଣ କରନ୍ତି ?

ଉ: ବାଚସ୍ପତି ମହାରଣା ପଥରରେ ସୁନ୍ଦର ସୁନ୍ଦର ମୂର୍ତ୍ତି ତିଆରି କରନ୍ତି ।

ଖ) ଗାଁଟିର ନାମ କାହିଁକି ପୁଷ୍ପପୁର ରଖାଯାଇଛି ?

ଉ: ଗାଁରେ ବହୁତ ଲୋକ ଫୁଲଚାଷ କରୁଥିବାରୁ ଗାଁଟିର ନାମ ପୁଷ୍ପପୁର ।

୩. **ଗୋଟିଏ ଶବ୍ଦରେ ପରିପ୍ରକାଶ କର ।**

କ) ଯିଏ ମାଟିରେ ହାଣ୍ଡି ମାଠିଆ ଗଢ଼େ, ସିଏ କୁମ୍ଭାର

ଖ) ଯିଏ ଆମର ନୂଆ ପୋଷାକ ତିଆରି କରନ୍ତି, ସିଏ ଦରଜୀ

ଗ) ଯିଏ ଚାଷ କାମ କରନ୍ତି, ସିଏ କୃଷକ

୪. **ସଜାଡ଼ି ଲେଖ ।**

| | | | |
|---|---|---|---|
| ଶବେପରି | ପରିବେଶ | ତିସ୍ପଚବା | ବାଚସ୍ପତି |
| ତ୍ତିଷ୍ପନି | ନିଷ୍ପତ୍ତି | ଳଦାକୋ | କୋଦାଳ |

୫. **ବିପରୀତ ଶବ୍ଦ ଲେଖ ।**

| | | | |
|---|---|---|---|
| ସୁନ୍ଦର | ଅସୁନ୍ଦର | ଛୋଟ | ବଡ଼ |
| ସଫା | ଅସଫା | ଦୁଃଖ | ସୁଖ |

୬. **ଅକ୍ଷର ଯୋଡ଼ି ଶବ୍ଦ ଗଢ଼ ।**




ପୁଷ୍ପ

ବାଷ୍ପ

♦♦♦